## ସଂକ୍ଷେପରେ

### ଖବରକାଗଜ ବିତରକରୁ ସରପଞ୍ଚ



ବାସୁଦେବପୁର,୨୭।୨(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ସହରରେ ଖବରକାଗଜ ବିତରକ ଗୌରାଙ୍ଗ ଚନ୍ଦ୍ର ପଣ୍ଡା ନରସିଂହପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ଗୌରାଙ୍ଗ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୨୪୦ ଖଣ୍ଡ ଅଧିକ ଭୋଟ ପାଇ ଜିତିଛନ୍ତି। ବିଭିନ୍ନ ଗଣମାଧମ ପ୍ରତିନିଧି ତାଙ୍କୁ ରବିବାର ଭୋଟଗଣତି କେନ୍ଦ୍ରରେ ସ୍ୱାଗତ ଜଣାଇବା ସହ ଲୋକଙ୍କ ସେବାରେ ବ୍ରତୀ ରହିବାକୁ ପରାମର୍ଶ ଦେଇଥିଲେ। ଖବରକାଗଜ ବିକ୍ରେତାରୁ ସରପଞ୍ଚ ହେବା ପଛରେ ପଞ୍ଚାୟତବାସୀଙ୍କ ସ୍ନେହ, ସଦ୍‌ଇଚ୍ଛା ହିଁ ତାଙ୍କର ପ୍ରେରଣା ଥିଲା ବୋଲି ଗୌରାଙ୍ଗ କହିଛନ୍ତି। ସେ କହନ୍ତି, ତାଙ୍କୁ ଯେତେବେଳେ ୭ ବର୍ଷ ହୋଇଥିଲା ସେତେବେଳେ ବାପାଙ୍କ ସହ ନରସିଂହପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ନିଜ ଅଜ୍ଞତାବଶତଃ ସେ ତତ୍କାଳୀନ ସରପଞ୍ଚଙ୍କ ଚେୟାରରେ ବସି ପଡ଼ିଥିଲେ। ସରପଞ୍ଚ ଜଣଙ୍କ ତାଙ୍କ କାନ ମୋଡ଼ି ଦେଇଥିଲେ। ସେବେଠାରୁ ଯେଉଁଦିନ ହେଲେ ବି ସରପଞ୍ଚ ସିଟ୍‌ରେ ବସିବେ ବୋଲି ତାଙ୍କର ସ୍ୱପ୍ନ ରହିଥିଲା। ତାଙ୍କ ସ୍ୱପ୍ନ ପୂରଣ ହୋଇଥିବା ଗୌରାଙ୍ଗ କହିଛନ୍ତି।

### ବିଜେଡି ସମର୍ଥିତ ୬ ସରପଞ୍ଚ,୫ ସମିତିସଭ୍ୟ ନିର୍ବାଚିତ

ବାଲିଆପାଳ,୨୭।୨(ସ୍ୱ.ପ୍ର): ତ୍ରିସ୍ତରୀୟ ନିର୍ବାଚନରେ ଶନିବାର ବାଲିଆପାଳର ବ୍ଲକର ୨୧ନଂ. ଜିଲାପରିଷଦ ଜୋନରେ ବିଜେଡି ପ୍ରାର୍ଥୀନୀ କାଞ୍ଚନ ଜେନା ବିଜୟୀ ହୋଇଛନ୍ତି। ସେହିପରି ବିଜେଡ଼ି ସମର୍ଥିତ ୬ ସରପଞ୍ଚ ଓ ୫ ସମିତି ସଦସ୍ୟ ମଧ ବିଜୟୀ ହୋଇଛନ୍ତି। ଗତ ନିର୍ବାଚନ ଅପେକ୍ଷା ଚଳିତ ବର୍ଷ କଂଗ୍ରେସ ସମର୍ଥିତ କମ୍ ସଂଖ୍ୟକ ସରପଞ୍ଚ ଓ ସମିତି ସଦସ୍ୟ ବିଜୟୀ ହୋଇଛନ୍ତି। ମାତ୍ର ୨ଟି ସରପଞ୍ଚ ଓ ୩ ସମିତି ସଦସ୍ୟ ପଦବୀ କଂଗ୍ରେସକୁ ମିଳିଛି।

# ଖାତା ଖୋଲିପାରିଲାନି ଭାଜପା

**■ମୟୂରଭଞ୍ଜରେ ବିଜେଡିର ଏକତରଫା ବିଜୟ**
**■ ଗଡ଼ ରଖି ପାରିଲେନି ୬ ବିଧାୟକ,ଏମ୍‌ପି**

ବାରିପଦା ଅଫିସ,୨୭।୨

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ ଜିଲାର ମୋଟ ୫୬ ଜିଲା ପରିଷଦ ଜୋନ୍ ମଧ୍ୟରୁ ୪୯ଟି ହାସଲ କରି ରାଜ୍ୟରେ ଚହଳ ପକାଇଥିବା ଭାଜପା ଚଳିତ ନିର୍ବାଚନରେ ଖାତା ଖୋଲିପାରି ନାହିଁ। ଦ୍ୱିତୀୟ ଦିନ ଗଣତି ସୁଦ୍ଧା ୨୫ ଜୋନ୍‌ରେ ବିଜେଡି ବିଜୟୀ ହୋଇଥିବା ବେଳେ ୨୫ଟିରେ ଆଗୁଆ ରହିଛି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍) ଗୋଟିଏ ଜୋନ୍‌ରେ ଆଗୁଆ ରହିବା ସହ ଗୋଟିଏ ଜୋନ୍ ହାତେଇବାରେ ସଫଳ ହୋଇଛି। ବିଶୋଇ ବ୍ଲକ ଅଧୀନ ଏହି ୩୩ନଂ. ଜୋନ୍‌ରେ ଜେଏମ୍ଏମ୍ ପ୍ରାର୍ଥୀଙ୍କ ବିଜୟ ବ୍ୟବଧାନ ଖୁବ୍ କମ୍ ରହିଥିବାରୁ ବିଜେଡି ପୁନଃ ଗଣତି ପାଇଁ ଆବେଦନ କରିଛି। ଜିଲାର ସମସ୍ତ ଜୋନ୍‌ରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେଇଥିବା ବେଳେ ଜେଏମ୍ଏମ୍ ୧୧ଟି ଆସନରେ ପ୍ରାର୍ଥୀ ଦେଇଥିଲା। ଶୋଚନୀୟ ପରାଜୟ ବରଣ କରି ଭାଜପା ଗଡ଼ ଭୁଶୁଡ଼ି ପଡ଼ିଥିବା ସମୟରେ କଂଗ୍ରେସ ମଧ୍ୟ ସମଦଶା ଭୋଗିଛି। ତେବେ ଗତ ନିର୍ବାଚନର ତ୍ରୁଟି ସୁଧାରି ଜିଲାରେ ବିଜେଡି ଏକତରଫା ବିଜୟ ହାସଲ କରିବାକୁ ଯାଉଥିବା ନିର୍ବାଚନ ଫଳାଫଳରୁ ଜଣାପଡ଼ିଛି।

୨୦୧୭ ନିର୍ବାଚନ ତୁଳନାରେ ଭାଜପା ଅପେକ୍ଷା ଜେଏମ୍ଏମ୍ ଏହି ଜିଲାରେ ଭଲ ପ୍ରଦର୍ଶନ କରିଛି। ଗତ ନିର୍ବାଚନରେ ଭାଜପା ପରିଷଦ ଗଠନ କରିଥିବା ବେଳେ ଏହାର ପ୍ରଭାବ ୨୦୧୯ ସାଧାରଣ ନିର୍ବାଚନ ଉପରେ ପଡ଼ିଥିଲା। ଫଳ ସ୍ୱରୂପ ଏମ୍‌ପି ଆସନ ସମେତ ମୋଟ ୯ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୬ଜଣ ଭାଜପା ବିଧାୟକ ନିର୍ବାଚିତ ହୋଇଥିଲେ। ବିଜେଡି ମାତ୍ର ୩ଜଣ ବିଧାୟକଙ୍କୁ ଜିତାଇବାରେ ସକ୍ଷମ ହୋଇପାରିଥିଲା। ଗତଥର ଖୁଣ୍ଟା ବ୍ଲକ ୧୨ନଂ. ଓ ଯଶିପୁର ବ୍ଲକ ୪୧ନଂ. ଜୋନ୍‌ର ବିଜୟୀ ଭାଜପା ପ୍ରାର୍ଥୀ ସୁଜାତା ମୁର୍ମୁ ଓ ନରେନ୍ଦ୍ର ସାହୁ ଯଥାକ୍ରମେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଆସନରେ ବସିଥିଲେ । ତେବେ ଚଳିତଥର ଏହି ଦୁଇଟି ଜୋନ୍‌କୁ ସୁରକ୍ଷିତ ରଖିବାରେ ଭାଜପା ବିଫଳ ହୋଇଛି। ଜିଲାର ବାରିପଦା, ଯଶିପୁର, ଉଦଳା, ବଡ଼ସାହି, ରାଇରଙ୍ଗପୁର ଓ ସାରସକଣା ନିର୍ବାଚନ ମଣ୍ଡଳୀରେ ଭାଜପାର ବିଧାୟକମାନେ ପ୍ରତିନିଧିତ୍ୱ କରୁଥିବା ବେଳେ ନିଜ ଅଞ୍ଚଳରେ ଥିବା ଜୋନ୍‌କୁ ସୁରକ୍ଷା ଦେଇପାରି ନାହାନ୍ତି। ଜିଲାର ବଡ଼ସାହି ନିର୍ବାଚନମଣ୍ଡଳୀ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନରେ ଯାଉଛି। ବାଲେଶ୍ୱର ଏମ୍‌ପି ଭାବେ ଭାଜପାର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଜୟୀ ହେବା ସହ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ବଡ଼ସାହି ନିର୍ବାଚନ ମଣ୍ଡଳୀରେ ମଧ ତାଙ୍କର କିଛିଟା ଦବ୍‌ଦବା ରହିଛି। ସେହିପରି ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ଏବେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ସେ ନିଜେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଘରକୁ ଘର ବୁଲି ପ୍ରଚାର କରିଥିଲେ ମଧ୍ୟ ଚଳିତ ନିର୍ବାଚନରେ ସେଭଳି କିଛି କରିସ୍ମା ଦେଖାଇବାରେ ସକ୍ଷମ ହୋଇପାରି ନାହାନ୍ତି। ନିର୍ବାଚନ ପୂର୍ବରୁ ଦୁଇ ସରକାରୀ ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି କେନ୍ଦ୍ରମନ୍ତ୍ରୀ ଟୁଡୁ ମାଡ଼ ମାରିବା ଘଟଣାର ପ୍ରଭାବ ମଧ୍ୟ ଭୋଟରଙ୍କ ଉପରେ ପଡ଼ିଥିବା ଚର୍ଚ୍ଚା ହେଉଛି। ଦଳୀୟ ଅସନ୍ତୋଷ ସାଙ୍ଗକୁ ଜିଲାବାସୀଙ୍କ ଆବଶ୍ୟକତା ଓ ବିକାଶ ଦିଗରେ ଭାଜପା କୌଣସି ଆଖିଦୃଶିଆ କାର୍ଯ୍ୟ କରି ନ ଥିବାରୁ ଜନମତ ପରିବର୍ତ୍ତନ ହୋଇଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ୨୦୧୭ ପଞ୍ଚାୟତ ଓ ୨୦୧୯ ସାଧାରଣ ନିର୍ବାଚନରେ ହୋଇଥିବା ସାଙ୍ଗଠନିକ ତ୍ରୁଟିବିଚ୍ୟୁତିକୁ ସଜାଡ଼ିବା ସହ ଲୋକଙ୍କ ସମସ୍ୟା ସମାଧାନ କରି ଭାଜପା ଗଡ଼ରେ ବିଜେଡ଼ି ଶଙ୍ଖନାଦ କରିଥିବା କୁହାଯାଉଛି।

# ପୁନଃ ଗଣତି ଦାବି

ଯୋଡ଼ା,୨୭।୨(ଡି.ଏନ.ଏ.)

**ଭୋଟ ଗଣତି କେନ୍ଦ୍ରରେ ପୋଲିସର ହସ୍ତକ୍ଷେପ**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକରେ ୨୬ନଂ ଜୋନ ଜିଲା ପରିଷଦ ପ୍ରାର୍ଥୀ, ସରପଞ୍ଚ, ସମିତି ସଭ୍ୟଙ୍କ ଭୋଟ ଗଣତି ଶେଷ ହୋଇଯାଇଛି। ଶନିବାର କେନ୍ଦ୍ରରେ ଭୋଟ ଗଣତି ସମୟରେ ଜଣେ ପୋଲିସ ଅଧିକାରୀ ବେଆଇନ ହସ୍ତକ୍ଷେପ କରିଥିବାରୁ ପୁନଃ ଭୋଟ ଗଣତି କରିବାକୁ ନିର୍ବାଚନ ଅଧିକାରୀଙ୍କ ଠାରେ ଭଦ୍ରାସାହି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ବାସନ୍ତୀ ନାଏକ ଦାବି କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଭୋଟ ଗଣତି କେନ୍ଦ୍ରରେ ବଡ଼ବିଲ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଅନଧିକାର ପ୍ରବେଶ କରି ବାଲାଟ ପେପରକୁ ଏପଟ ସେପଟ କରିଥିଲେ। ଏଥିରେ ତାଙ୍କ ଏଜେଣ୍ଟ ମାନେ ବିରୋଧ କରିବାରୁ ସେମାନଙ୍କୁ ବାହାରିଯିବା ପାଇଁ ସେ ଧମକ ଦେଇଥିଲେ। ଯାହା ଫଳରେ ସେ ୬ଟି ଭୋଟରେ ହାରି ଯାଇଥିବା ଦର୍ଶାଇ ପୁନଃ ଗଣତି ପାଇଁ ନିବେଦନ କରିଛନ୍ତି। ବଡ଼ବିଲ ଆଇଆଇସି ଦାସ ଏବିଷୟରେ କିଛି ଜାଣି ନ ଥିବା କହିଛନ୍ତି।

# ଭାଜପା ଗଡ଼ରେ ବାଜିଲା ଶଙ୍ଖ

ଭଦ୍ରକ ଅଫିସ, ୨୭।୨

ଭଦ୍ରକ ଜିଲା ଧାମନଗର ବ୍ଲକର ୫ ନଂ. ଜୋନ୍ ଏକଦା ଭାଜପାର ଗଡ଼ କୁହାଯାଉଥିଲା। ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ଏହି ବ୍ଲକରେ ଭାଜପାର ମଙ୍ଗ ଧରିଥିଲେ। ତାଙ୍କ ରାଜନୈତିକ ପଡିଆରାକୁ ବିଜେଡି ଫୁ କରିଛି। ବ୍ଲକର ୫ ନଂ.ଜୋନ୍‌ର ବିଜେଡି ପ୍ରାର୍ଥୀ ଟୁନିବାଳା ବିଶ୍ୱାଳ ୧୪,୩୮୯ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରଞ୍ଜିତା ସ୍ୱାଇଁଙ୍କଠାରୁ ଅଧିକ ୪୦୬୪ ଖଣ୍ଡ ଭୋଟରେ ବିଜୟୀ ହୋଇ ଭାଜପା ଗଡ଼ରେ ଶଙ୍ଖ ଫୁଙ୍କିଛନ୍ତି। ଭାଜପା ପ୍ରାର୍ଥୀ ସ୍ୱାଇଁ ୧୦,୩୨୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି।

# ଆଗରେ ରହିଛି ବିଜେଡି

**ଦ୍ୱିତୀୟ ଦିନରେ ୯ ଜୋନ୍‌ରେ ଭୋଟ ଗଣତି**

ଭଦ୍ରକ ଅଫିସ,୨୭।୨

ଭଦ୍ରକର ୨୮ ଜିଲା ପରିଷଦ ଜୋନ୍ ମଧ୍ୟରୁ ଶନିବାର ପ୍ରଥମ ଦିନରେ ୭ଟି ଜୋନ୍‌ରେ ଭୋଟ ଗଣତି ହୋଇଥିଲା। ରବିବାର ଦ୍ୱିତୀୟ ଦିନରେ ୯ଟି ଜୋନ୍‌ରେ ଗଣତି ହୋଇଥିବା ବେଳେ ରିପୋର୍ଟ ଲେଖା ହେବା ସୁଦ୍ଧା ୬ ରାଉଣ୍ଡରୁ ସମସ୍ତ ଜୋନ୍‌ରେ ବିଜେଡି ପ୍ରାର୍ଥୀ ଆଗରେ ରହିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭଦ୍ରକ ବ୍ଲକର ୨୬ ନଂ. ଜୋନ୍‌ରେ ବିଜେଡିର ଗୀତାରାଣୀ ମଲିକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସାଗରିକା ସେଠୀଙ୍କଠାରୁ ୫,୨୨୩ ଖଣ୍ଡ ଭୋଟ୍‌ରେ ଆଗୁଆ ଅଛନ୍ତି। ଚାନ୍ଦବାଲି ବ୍ଲକର ୨ ନଂ. ଜୋନ୍‌ରେ ବିଜେଡିର ରଞ୍ଜନ କୁମାର ସାହୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅଶୋକ କୁମାର ରାଉଳଙ୍କଠାରୁ ୨୫୨୨ ଓ ୩ ନଂ. ଜୋନ୍‌ରେ ବିଜେଡିର ଗୀତାଞ୍ଜଳି ଦାସ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁଜାତା ମଣ୍ଡଳଙ୍କଠାରୁ ୧୨ଶହ ଭୋଟ୍‌ରେ ଆଗରେ ରହିଛନ୍ତି।

ତିହିଡ଼ି ବ୍ଲକର ୭ ନଂ. ବିଜେଡିର ବିଦ୍ୟୁତଲତା ନାୟକ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁଚିସ୍ମିତା ପୁହାଣଙ୍କଠାରୁ ୧୫ ଶହ, ଧାମନଗର ୧୧ ନଂ. ଜୋନ୍‌ରେ ଉର୍ମିଳା ବିଶ୍ୱାଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପୁଷ୍ପାଞ୍ଜଳି ସାମଲଙ୍କଠାରୁ ୧୫୩୦ ଏବଂ ବନ୍ତର ୧୫ ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ଜେନା ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ପ୍ରଦ୍ୟୁମ୍ନ କୁମାର ଦାସଙ୍କଠାରୁ ୩,୦୨୬ ଖଣ୍ଡ ଭୋଟ୍‌ରେ ଆଗୁଆ ଥିବା ଜଣାପଡ଼ିଛି। ବାସୁଦେବପୁର ୧୮ ନଂ. ଜୋନ୍‌ରେ ଜୟକୃଷ୍ଣ ନାୟକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ମାନସ କୁମାର ସାହୁଙ୍କଠାରୁ ୬ ଶହ, ୧୯ ନଂ. ଜୋନ୍‌ରେ ବିଜେଡିର ଯଦୁନାଥ ନାୟକ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କୈଳାସ ଚନ୍ଦ୍ର ପଣ୍ଡାଙ୍କଠାରୁ ୭୨୦ ଏବଂ ଭଣ୍ଡାରିପୋଖରୀର ୨୩ ନଂ. ଜୋନ୍‌ରେ ବିଜେଡିର ଲକ୍ଷ୍ମୀଧର ସାହୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁରେଶ ସାମଲଙ୍କଠାରୁ ୧୫୯୪ ଖଣ୍ଡ ଭୋଟ୍‌ରେ ଆଗରେ ରହିଛନ୍ତି।

## ୯ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଫଳାଫଳ

ବନ୍ତ,୨୭।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ୧୪ ନଂ.ଜୋନ୍ ଅଧୀନ ୯ ପଞ୍ଚାୟତରେ ଭୋଟ ଗଣତିର ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇଛି। ସରପଞ୍ଚ ଆସନରେ ଆଡ଼ିଆରେ ମିନା କୁମାରୀ ଜେନା ୯୮ ଖଣ୍ଡ, ଅଣିଜୋରେ ମାଳତୀଲତା ପୃଷ୍ଟି ୧୬, ବିଟିପୁରରେ ସୁଭଦ୍ରା ସିଂ ୧୨୧, ବଡ଼ମହିଷଗୋଠରେ ବିନୋଦିନୀ ମହାନ୍ତି ୧୨, ଚାରିଗାଁରେ ଗୀତିକା ଭୋଇ ୬୫୯, ଗୋପୀନାଥପୁରରେ ସବିତାରାଣୀ ନାୟକ ୮୧୭, ମହାନ୍ତିପଡ଼ାରେ ନୀହାର ରଞ୍ଜନ ପଣ୍ଡା ୫୪୮, ପୁରୁଷଣ୍ଡରେ ପ୍ରକାଶ କୁମାର ବିଶ୍ୱାଳ ୨୦୨ ଓ ରାମଚନ୍ଦ୍ରପୁରରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ୧୧୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ସମିତିସଭ୍ୟ ଆସନରେ ଆଡ଼ିଆରେ ପ୍ରମିଳା ଭୂୟାଁ ୨୪୪ ଖଣ୍ଡ, ଅଣିଜୋରେ ଅତସ୍ମିତା ରାଉତ ୬୮୭, ବିଟିପୁରରେ ଜ୍ୟୋତିର୍ମୟୀ ପଣ୍ଡା ୫୪୨, ଚାରିଗାଁରେ ଧରଣୀଧର କର ୯୩୦, ଗୋପୀନାଥପୁରରେ ମନୋରଞ୍ଜନ ଘଡ଼େଇ ୨୪୩୦, ମହାନ୍ତିପଡ଼ାରେ ନିର୍ମଳ ଚନ୍ଦ୍ର ନାୟକ ୩୫୯, ରାମଚନ୍ଦ୍ରପୁରରେ ଚପଳା ଜେନା ୫୯, ପୁରୁଷଣ୍ଡରେ ସୁଶୀଳା ଜେନା ୩୩୬ ଏବଂ ବଡ଼ମହିଷଗୋଠରେ ପଦ୍ମାବତୀ ନାଥଶର୍ମା ୮୮ ଖଣ୍ଡ ଅଧିକ ଭୋଟ ପାଇ ବିଜୟ ହାସଲ କରିଛନ୍ତି।

# ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ



ଟିକାକରଣ ଅଭିଯାନକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ଅଫିସ,୨୭।୨

ବାଲେଶ୍ୱର ଜିଲାରେ ପଲ୍‌ସ୍ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି ।

ଏହି ଟିକାକରଣ ଅଭିଯାନ ୩ ଦିନ ଧରି ଚାଲିବ। ରବିବାର ପ୍ରଥମ ଦିନରେ ଜିଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥ୍‌ଗୁଡ଼ିକରେ ୦(ଶୂନ) ରୁ ୫(ପାଞ୍ଚ) ବର୍ଷର ଶିଶୁମାନଙ୍କୁ ଏହା ଦିଆଯିବାକୁ ଥିବା ବେଳେ କୌଣସି କାରଣରୁ ବାଦ୍ ପଡ଼ିଯାଇଥିବା ଶିଶୁମାନଙ୍କୁ ଆସନ୍ତା ଦୁଇ ଦିନରେ ଏହା ଦିଆଯିବ। ସ୍ୱାସ୍ଥ୍ୟକର୍ମୀମାନେ ଏହି ଦୁଇ ଦିନ ଘର ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ। ଏହି ଟିକାକରଣ ଅଭିଯାନ ପାଇଁ ଜିଲାରେ ସର୍ବମୋଟ ୧୦୬୩ଟି ବୁଥ୍ ପ୍ରତିଷ୍ଠା କରାଯାଇଛି । ୪୨୫୨ଜଣ କର୍ମଚାରୀ ୨୧୨୬ଟି ଟିମରେ ବିଭକ୍ତ ହୋଇ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ । ଏଥିପାଇଁ ୨୦୯ଜଣ ସୁପରଭାଇଜର ଓ ୨୦୯ଟି ଗାଡ଼ି ନିୟୋଜିତ ହୋଇଛନ୍ତି। ଜିଲାର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମ ଯେପରି ସଫଳତାର ସହ ଆୟୋଜିତ ହେବ ଏବଂ କେହି ବି ଜଣେ ହେଲେ ଶିଶୁ ଏଥିରୁ ବଞ୍ଚିତ ନ ହେବେ ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦେବ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଏଡିପିଏଚଓ ଡା. ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ ଅନୀଲ କୁମାର ମହାନ୍ତି, ଡିଏମ୍‌ଆର୍‌ସିଏଚ୍ ଏଲିନା ସାମଲ, ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ଦ୍ରୌପଦୀ ମାର୍ଣ୍ଡିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ବାଲେଶ୍ୱର: ୧୨ ଜୋନ୍‌ରେ ବିଜେଡି ଆଗୁଆ

**ଗୋଟିଏ ଲେଖାଏ ଜୋନ୍‌ରେ ଭାଜପା, କଂଗ୍ରେସ**

ବାଲେଶ୍ୱର ଅଫିସ,୨୭।୨

ବାଲେଶ୍ୱର ଜିଲାର ୧୪ଟି ଜିଲା ପରିଷଦ ଜୋନ୍‌ରେ ରବିବାର ଦ୍ୱିତୀୟ ଦିନ ଗଣତି ଜାରି ରହିଛି। ବିଜେଡି ୧୨ଟି ଜୋନ୍‌ରେ ଆଗୁଆ ଥିବାବେଳେ ମାତ୍ର ଗୋଟିଏ ଲେଖାଏ ଜୋନ୍‌ରେ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଆଗୁଆ ରହିଛନ୍ତି।

ଭୋଗରାଇ ବ୍ଲକ ୩୨ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀନୀ କବିତା ମହାନ୍ତି ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀନୀ ଉମା ରାଣୀ ଦାସଙ୍କଠାରୁ ୭୬୬୫ ଭୋଟ୍‌ରେ ଆଗୁଆ ରହିଛନ୍ତି। ଭୋଗରାଇ ବ୍ଲକ ୩୩ନଂ. ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ଜେନା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ହରେନ୍ଦ୍ର ନାଥ ଦାସଙ୍କଠାରୁ ୧୪୬ ଭୋଟ୍, ଜଳେଶ୍ୱର ବ୍ଲକ ୮ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଗୌରାଙ୍ଗ ସିଂ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରାଜେନ୍ଦ୍ର ନାଥ ସିଂଙ୍କଠାରୁ ୬୮୨୦ ଖଣ୍ଡ ଭୋଟ୍, ବସ୍ତା ବ୍ଲକ ୧୫ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ଦେବୀକା ସୋରେନ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀନୀ କବିତା ସିଂଙ୍କ ଠାରୁ ୮୩୮୯ ଖଣ୍ଡ ଭୋଟ୍, ବାଲିଆପାଳ ବ୍ଲକ ୨୨ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ନିଶାକର ସେଠୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଜଗବନ୍ଧୁ ମଲ୍ଲିକଙ୍କଠାରୁ ୨୮୪୧ ଖଣ୍ଡ ଭୋଟ୍, ସଦର ବ୍ଲକ ୨୬ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ସୋନାଲି ବିଶ୍ୱାଳ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ଝୁନୁଲତା ସ୍ୱାଇଁଙ୍କ ଠାରୁ ୩୪୬ ଖଣ୍ଡ ଭୋଟ୍, ସଦର ବ୍ଲକ ୨୭ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ବନଲତା ସେଠୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ଅର୍ଚ୍ଚନା ସାମଲଙ୍କଠାରୁ ୧୬୮୩ ଖଣ୍ଡ ଭୋଟ୍, ରେମୁଣା ବ୍ଲକ ୩୭ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀ କଲ୍ୟାଣୀ ବାରିକ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ଅର୍ଚ୍ଚନା ରାଉତଙ୍କଠାରୁ ୬୪୬ଖଣ୍ଡ ଭୋଟ୍, ନୀଳଗିରି ବ୍ଲକ ୧୨ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ରଞ୍ଜିତା ସିଂ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ଅନିତା ସିଂଙ୍କଠାରୁ ୩୧୧ ଖଣ୍ଡ ଭୋଟ୍, ବାହାନଗା ବ୍ଲକ ୧୯ ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ବନପ୍ରଭା ଶିଅଳ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ମାନସୀ ମଲ୍ଲିକଙ୍କଠାରୁ ୪୨୪୯ ଖଣ୍ଡ ଭୋଟ୍, ସୋର ବ୍ଲକ ୪୪ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଜୟନ୍ତ କୁମାର ସ୍ୱାଇଁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ କମଳା କାନ୍ତ ଘଡ଼େଇଙ୍କଠାରୁ ୨୭୫୫ ଖଣ୍ଡ ଭୋଟ୍, ଖଇରା ବ୍ଲକ ୪ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ରଶ୍ମିତା ମହାପାତ୍ର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରାଜେଶ କୁମାର ରାଉତଙ୍କଠାରୁ ୮୨୫ ଖଣ୍ଡ ଭୋଟ୍, ଔପଦା ବ୍ଲକ ୨ନଂ. ଜୋନ୍‌ରେ ଭାଜପା ପ୍ରାର୍ଥିନୀ ଉଷାରାଣୀ ରାଉଳ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥିନୀ ଶ୍ରଦ୍ଧାଞ୍ଜଳି ଜେନାଙ୍କଠାରୁ ୧୦୫୪ ଖଣ୍ଡ ଭୋଟ୍, ସିମୁଳିଆ ବ୍ଲକ ୪୧ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ସାବିତ୍ରୀ ପାଢ଼ୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ମଧୁସ୍ମିତା ମହାନ୍ତିଙ୍କଠାରୁ ୮୭୦ ଖଣ୍ଡ ଭୋଟ୍‌ରେ ଆଗୁଆ ରହିଥିବା ସୂଚନା ମିଳିଛି।

# ସିଦ୍ଧିଦୁର୍ଗା ପାହାଡ଼ରୁ ଆସିଥିଲା ୭୩୦ ପଥର

**■ ଅରାଗଡ଼ ପାହାଡ଼ରୁ ପଥର ଆଣିବା ବେଳେ ଶିବିର ପଡ଼ିଥିଲା ତରାବୋଇ ଗାଁରେ**
**■ ନୀଳଗିରିରୁ ପଥର ଆଣିବାକୁ ସାତୋଟି ନଦୀପଥ ଅତିକ୍ରମ କରିବାକୁ ପଡୁଥିଲା**

ଡ. ସୁରେନ୍ଦ୍ର କୁମାର ମିଶ୍ର

**ଐତିହ୍ୟର ଓଡ଼ିଶା**

ବରେନ୍ ପାହାଡ଼ ପଥର ଚିହ୍ନଟ ଦଳର ଦଳପତି ଥିଲେ ଗଦେଇ ମହାରଣା। ଗଦେଇ ମହାରଣା ଆଜି ନାହାନ୍ତି କି ବରେନ୍ ପାହାଡ଼ ବି ନାହିଁ। ତରାବୋଇ ଗାଁଲୋକେ ଚାଉଳ କେବଳ ଯୋଗେଇଥିଲେ ତା'ନୁହେଁ, ସେ ଗାଁରେ ଦିନେ ପଥୁରିଆଙ୍କ ପାଇଁ ଶିବିର ପଡ଼ିଥିଲା।

ଅରାଗଡ଼ ପାହାଡ଼ରେ ପଥର ଚିହ୍ନଟ ପାଇଁ ପହଞ୍ଚିବା ପରେ ରହିଥିଲେ ତରାବୋଇ ଗାଁରେ। ଦଳପତି ଥିଲେ ନିଧି ମହାରଣା। କାର୍ଯ୍ୟନିର୍ବାହ କରିବା ପାଇଁ ବୀରଭଞ୍ଚ ପରିଦର୍ଶନ ଦାୟିତ୍ୱରେ ଥିଲେ। ତରାବୋଇରେ ଭଞ୍ଚ ବଂଶର ଦାୟାଦଙ୍କୁ ଚିହ୍ନଟ କରିହେଲାନି। ତେବେ ସେ ଅରାଗଡ଼ର ହୋଇପାରନ୍ତି। ଭଞ୍ଚ ଏକ ସାଙ୍ଗିଆ ନୁହେଁ, ଏକ ରାଜ ଉପାଧି। ଶିବିର ପଡ଼ିଥିଲା ୩ ମାସ ୧୦ ଦିନ। ଶିବିର ପାଇଁ ଟିକରପଡ଼ା ଭଣ୍ଡାରରୁ ଆସିଲା ୧୭ ଭରଣ ୧୨ ଗୌଣୀ ଚାଉଳ। ସୁନା ଖର୍ଚ୍ଚ ହେଲା ୪୨୮ ମାଢ଼।

ଏଠାରୁ ୧୩୦୭ ଖଣ୍ଡ ରେଗେଡ଼ା କୁଣ୍ଡାପଥର କଟାଗଲା। କଟାଳି ନେଲେ ୩୪ ମାଢ଼ ସୁନା। ପଥର ବୋହିବାକୁ ଲାଗିଲା ୩୪୦ ମାଢ଼ ସୁନା। ଅରାଗଡ଼ରୁ ଏକ ପାଣି ଦଣ୍ଡା (ପ୍ରାକୃତିକ କେନାଲ) ଥିଲା ଦୟାନଦୀ ପର୍ଯ୍ୟନ୍ତ। ଚାପ ଆସିବାକୁ ତାହା ଖୋଳାଯାଇଥିଲା। ୩ଟି ବଡ଼ ଚାପରେ ପଥର ପହଞ୍ଚିଥିଲା ଦୟାନଦୀରେ। ସେଠୁ ୧୦ଟି ବଡ଼ ନୌକାରେ ଚାପରୁ କିଛି ପଥର କଢ଼ାଯାଇ ଲଦାଗଲା। ପଥର ଚାପ ଓ ନାହା ଚାଲିଲେ କୁଆଖାଇ ନଦୀକୁ। କୁଆଖାଇରୁ ସୋଲ ନଦୀକୁ। ଦୟା ନଦୀ ବହୁ ଇତିହାସର ସାକ୍ଷୀ। କୋଣାର୍କକୁ ପଥର ଆସିବାର ସାକ୍ଷୀ, ସତରେ ସେ କଥା କହିପାରୁଥାନ୍ତା କି! ଏହା ଥିଲା କୋଣାର୍କକୁ ଷୋହଳତମ ପଥର ଆସିବାର ପ୍ରସଙ୍ଗ।

ତାପଙ୍ଗ ମଧ୍ୟ ଦୟା ନଦୀ ପରି ଓଡ଼ିଶା ଇତିହାସର ଅନ୍ୟତମ ସାକ୍ଷୀ। ଠିକ୍ ସେମିତି ସୋଲ ନଦୀ ମଧ୍ୟ। ସୋଲ ନଦୀକୁ ଚାପ ନ ଆସିଲେ ଉଦିପୁର ଦଣ୍ଡାକୁ ଆସିପାରିବ ନାହିଁ। ଉଦିପୁର ଦଣ୍ଡା ସିଧା ପଦ୍ମତୋଳା ଗଣ୍ଡ ଦିଗରେ ସଂଯୋଗ ହୋଇଥିଲା।

ତାପଙ୍ଗମାଳର ୨୩୪ଟି ନାଲି ରେଗେଡ଼ା ସାହାଣ ପଥର ଦୟା ନଦୀ–ମହା ନଦୀ–ସୋଲ ନଦୀ–ଉଦିପୁର ଦଣ୍ଡା ଦେଇ ପଦ୍ମତୋଳା ଗଣ୍ଡ ନିକଟରେ ପହଞ୍ଚିଥିଲା। ତାପଙ୍ଗମାଳର ଭୀମଟାଙ୍ଗିରୁ ଏହି ପଥର ଆସିଥିଲା। ପଥୁରିଆଙ୍କ ଦଳପତି ଥିଲେ ନାରାୟଣ ମହାରଣା। ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ କାର୍ଯ୍ୟ ତଦାରଖ କରୁଥିଲେ ବୀରମଲ୍ଲ। ତାପଙ୍ଗରେ ଶିବିର ପଡ଼ିଥିଲା ଚାରିମାସ। ଖର୍ଚ୍ଚ ହେଲା ୧୮୦ ମାଢ଼ ସୁନା। ତାପଙ୍ଗ ଭୀମଟାଙ୍ଗିରୁ ପଥର ଆସିବା ସତର ଥର, ଅଠର ଥର ପଥର ଆସିଥିଲା ନୀଳଗିରିରୁ। ନୀଳଗିରିରେ ଥିବା 'ପିଠଉଶୁଣି' ପାହାଡ଼ ତଳେ ଥିବା ବାହାରମୁଣ୍ଡା ଗାଁ ମୁଣ୍ଡରେ ଶିବିର ପକେଇ ରହିଥିଲେ ପଥୁରିଆ। ଦଳପତି ନାରାୟଣ ମହାପାତ୍ରଙ୍କ ସହିତ ଯାଇଥିଲେ ୧୭୦ ଜଣ ପଥୁରିଆ। ଏଠିକି ସବୁଠାରୁ ଅଧିକ ପଥୁରିଆ ଯାଇଥିବାର ଜଣାପଡୁଛି। ରହିଲେ ଦୀର୍ଘ ସାତ ମାସ। ଦାୟିତ୍ୱ ନେଇଥିଲେ ରତ୍ନ ଶର୍ମା। ପଥର କଟାଯିବା ପରେ ସାଙ୍ଗି ମାଧ୍ୟମରେ ପଥର ବୁହାହେଲା ବିରୁଡ଼ିନାଳିଆ ପାଖକୁ। ବିରୁଡ଼ିନାଳିଆରୁ ଭସାଣଦଣ୍ଡାକୁ ଆଉ ଏକ ଦଣ୍ଡା ବା କେନାଲ ଥିଲା। ତାକୁ କୁହାଯାଉଥିଲା ମହାନଦୀନାଳିଆ। ନୀଳଗିରିରୁ ଜଳପଥରେ ପଥର ଆଣିବା ସହଜ ନ ଥିଲା। ସେଥିପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ସରିଥିଲା। ମହାନଦୀନାଳିଆ ସଂଯୋଗ ହୋଇଥିଲା ଭଷାଣଦଣ୍ଡା ସହିତ। ଭଷାଣଦଣ୍ଡା ଦେଇ ଚାପ ପହଞ୍ଚିଥିଲା 'ବାହାରିଆଜୋର'ରେ। ବାହାରିଆ ଜୋରରୁ ଚିତ୍ରୋତ୍ପଳା ଗଣ୍ଡ, ସେଠାରୁ ସୋଲ ନଦୀ। ସୋଲ ନଦୀ ଗଣ୍ଡରୁ ଉଦିପୁର ଦଣ୍ଡା, ତା'ପରେ ପଦ୍ମତୋଳା ଗଣ୍ଡ।

ବିରୁଡିନାଳିଆ, ମହାନଦୀନାଳିଆ, ଭସାଣଦଣ୍ଡା, ବାହାରିଆ ଜୋର, ଚିତ୍ରୋତ୍ପଳା ଗଣ୍ଡ, ସୋଲ ନଦୀ ଗଣ୍ଡ, ଉଦିପୁର ଦଣ୍ଡା, ପଦ୍ମତୋଳା ଗଣ୍ଡ। ସାତୋଟି ଜଳପଥ ଦେଇ ଚାପଦଳେଇ ଚାପରେ ପହଞ୍ଚେଇବା ପରେ ସେତେବେଳେ ନେଇଥିଲେ ୧୩୦ ମାଢ଼ ସୁନା। ଅନ୍ୟ ଖର୍ଚ୍ଚ ୧୬୬ ମାଢ଼। ଚାଉଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ଯୋଗାଇଥିଲେ ରେମୁଡ଼ା ଦଣ୍ଡପାଟର ମୁଖିଆ। ପଥୁରିଆ, ଦଳପତି ଓ ଚାପଦଳେଇଙ୍କୁ ସାଧାରଣ ଲୋକେ ସାହାଯ୍ୟ ଓ ସହଯୋଗ କରି ନ ଥିଲେ ଏତେ ଶୃଙ୍ଖଳିତ ଭାବରେ କୌଣସି ଅଘଟଣ ନ ଘଟି ସୁବିଧାରେ ଆସି ପଥର ପଦ୍ମତୋଳା ଗଣ୍ଡରେ ପହଞ୍ଚିପାରି ନ ଥାନ୍ତା।

ନୀଳଗିରିରୁ ପଥର ଆସି ପହଞ୍ଚିବା ପରେ ବାଣେଶ୍ୱରନାସୀରୁ ପଥର ଆସିଥିଲା। ବାଣେଶ୍ୱରନାସୀ ଅଞ୍ଚଳ ବଡ଼ମ୍ବା–ନରସିଂହପୁର ଗଡ଼ଜାତ ଅଞ୍ଚଳରେ ଅବସ୍ଥିତ। ବାଣେଶ୍ୱରନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବାଲିଆ ହଳଦିଆ ସାହାଣ ପଥର ୭୩୦ ଖଣ୍ଡ ଆସିଥିଲା। ମହାନଦୀ କୂଳରେ ଏହି ପାହାଡ଼ ଅବସ୍ଥିତ। ଦେବୀ ଭଟ୍ଟାରିକାଙ୍କ ପୀଠଠାରୁ ଅଳ୍ପ ଦୂରରେ। ଏହି ପାହାଡ଼ରେ ରହିଛି ପ୍ରଜ୍ଞା–ପାରମିତା ପୀଠ। ବୌଦ୍ଧ ଧାରାର ମହାନ୍ ସାଧିକା ପ୍ରଜ୍ଞାପାରମିତା ଏହି ପାହାଡ଼ରେ ସାଧନା କରିଥିବାର ଐତିହ୍ୟ ରହିଛି। ପାହାଡ଼ର ପାଦଦେଶରେ ରହିଥିଲା 'ବୁଦ୍ଧେଶ୍ୱର ଗାଁ'। ଏଇ ଗାଁରେ ଶିବିର ପଡ଼ିଥିଲା ୩ମାସ ୧୮ ଦିନ। ପଥୁରିଆମାନଙ୍କ ସହିତ ଦେଖାରଖା କରିବାକୁ ରହିଥିଲେ ମଧୁ ମହାରଣା ଓ ବୀର ଓଝା। ପଥର କଟାଳିଙ୍କ ମୁଖିଆ ବୀର ବଡ଼ଜେନା ତଦାରଖ ଦାୟିତ୍ୱରେ ଥିଲେ। ଶିବିର ଖର୍ଚ୍ଚ ସହିତ ମୋଟ ୧୨୬ ମାଢ଼ ସୁନା ଖର୍ଚ୍ଚ ହୋଇଥିଲା। ବଡ଼ବଡ଼ ଆକାରର ପଥର କାଟିବାକୁ ଅଲଗା ୭ ମାଢ଼ ସୁନା ଦିଆଯାଇଥିଲା। ଏହାକୁ ମିଶାଇ ୧୯ ଥର ପଥର ଆସିଲା କୋଣାର୍କକୁ।



ସିଦ୍ଧିଦୁର୍ଗା ପାହାଡ଼ରେ ଥିବା ପ୍ରଜ୍ଞା ପାରମିତା ପୀଠ। (ଫଟୋ: ଦେବ କୁମାର, ନରସିଂହପୁର)

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ ନେଇ ଦୋକାନୀଙ୍କୁ ହତ୍ୟା

**କେନ୍ଦୁଝର, ୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ କାଦକଳା ପଞ୍ଚାୟତର କାଦକଳା ଗ୍ରାମରେ ଜଣେ ଦୋକାନୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ମାୟାଧର ବେହେରା। ପ୍ରକାଶ ଯେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ଭୁଜାଲିରେ ହାଣି ଅତି ନିର୍ମମ ଭାବେ ହତ୍ୟା କରି ଫେରାର ହୋଇ ଯାଇଥିବା ବେଳେ ପୋଲିସ ଖବର ପାଇ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ ଶୀଘ୍ର ଧରାଯିବ ବୋଲି ନୟାକୋଟ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ମାୟାଧର ଅଞ୍ଚଳରେ ବେଶ୍ ଚର୍ଚ୍ଚିତ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏନେଇ ଏକ ମାମଲା (ନଂ.୧୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।

### ଓକିଲ ଏକାଦଶ ଚାମ୍ପିୟନ

**ଚମ୍ପୁଆ, ୨୭।୨(ଡି.ଏନ୍.ଏ)**

ସ୍ଥାନୀୟ ନେହେରୁ ଷ୍ଟାଡିୟମଠାରେ ଜୁଡିସିଆଲ ଏକାଦଶ ଓ ଓକିଲ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓକିଲ ଏକାଦଶ ଜୁଡିସିଆଲ ଏକାଦଶକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ଅମ୍ପାୟାର ଭାବେ ସୁବାଷ ରାମ ଓ ପାର୍ଥ ବେସରା ଖେଳ ପରିଚାଳନା କରିଥିଲେ। ୧୫ ଓଭର ବିଶିଷ୍ଟ ଏହି ପ୍ରତିଯୋଗିତା ରବିବାର ଦିନ ୧୧ ଟା ସମୟରେ ଆରମ୍ଭ ହୋଇଥିବା ବେଳେ ଜୁଡିସିଆଲ ଏକାଦଶ କ୍ୟାପଟେନ୍ ଅବଦୁଲ ସିରାଜ୍ ଖାନ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓକିଲ ଏକାଦଶର କ୍ୟାପଟେନ୍ ଅରୁଣ କୁମାର ପତିଙ୍କ ନେତୃତ୍ୱରେ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୧୦୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ପରେ ଜୁଡିସିଆଲ ଏକାଦଶ ୯୮ ରନ୍‌ରେ ସମସ୍ତ ୱିକେଟ୍ ହରାଇ ପରାଜୟ ହୋଇଥିଲା। ଏହି ପ୍ରତିଯୋଗିତାରେ ଅତିଥି ଭାବେ ଯୋଗ ଦେଇ ଏଡିଜେ ପ୍ରଜ୍ଞାନଳିନୀ ମିଶ୍ର, ଜେଏମ୍‌ଏଫ୍‌ସି ତାରିଣୀ ପ୍ରସାଦ ସାହୁ, ସବ୍‌ଜଜ୍ ଡକ୍ଟର ପ୍ରଦୀପ କୁମାର ପ୍ରଧାନ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

### ସରପଞ୍ଚ ପ୍ରାର୍ଥୀ ଖଇର ବିଜୟୀ



**ଡେଙ୍କିକୋଟ, ୨୭।୨. (ଡି.ଏନ.ଏ.):**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଡେଙ୍କିକୋଟ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଖଇର ନାଏକ ୧୬୦ ଖଣ୍ଡ ଭୋଟରେ ୬ ଜଣ ପ୍ରାର୍ଥୀଙ୍କୁ ପଛରେ ପକାଇ ବିଜୟୀ ହୋଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଘଟଗାଁ ନିର୍ବାଚନ ଅଧିକାରୀ ବିଡିଓ ନାରାୟଣ ସାହୁଙ୍କ ସୂଚନା ଅନୁଯାୟୀ ସମିତି ସଭ୍ୟା ପ୍ରାର୍ଥୀ କଳ୍ପନା ନାୟକ ଡେଙ୍କିକୋଟ ପଞ୍ଚାୟତର ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଛନ୍ତି।

# ଖଇରାରେ ଗଡ଼ ସୁରକ୍ଷିତ, କୁପାରୀରେ ପରିବର୍ତ୍ତନ

**ଖଇରା,୨୭।୨(ଡି.ଏନ.ଏ.)**



ଗଜେନ୍ଦ୍ର ପ୍ରସାଦ ଦାସ



ରଶ୍ମିତା ମହାପାତ୍ର

ବାଲେଶ୍ୱର ଜିଲା ୪ନଂ. ଖଇରା ଜୋନ୍ ଫଳାଫଳ ବିଜେଡି ସପକ୍ଷରେ ଯାଇଥିବା ବେଳେ ଗତକାଲିର କୁପାରୀ ୩ନଂ. ଜୋନର ଫଳାଫଳ ଭାଜପା ସପକ୍ଷରେ ଯାଇଛି । ଖଇରା ଜୋନ୍‌ରେ ବିଜେଡି ଗଡ଼ ସୁରକ୍ଷିତ ରଖିବାକୁ ସକ୍ଷମ ହୋଇଛି। ବ୍ଲକ ମହିଳା ସଂଘ ସଭାପତି ରଶ୍ମିତା ମହାପାତ୍ର ତାଙ୍କର ନିକଟମ ପ୍ରତିଦ୍ୱନ୍ଦୀ ଭାଜପାର ରାଜେଶ କୁମାର ରାଉତଙ୍କୁ ୭୮୯ଖଣ୍ଡ ଭୋଟରେ ପରାସ୍ତ କରିଥିବା ବେଳେ କଂଗ୍ରେସ ୬୮୩,ସିପିଏମ୍ ୨୯୩ ଏବଂ ବିଏସ୍‌ପି ପ୍ରାର୍ଥୀ ୨୦୨ଖଣ୍ଡ ଭୋଟ ପାଇଛନ୍ତି । ୪୮୧ଖଣ୍ଡ ଭୋଟ ନାକଚ ହୋଇଛି । ହେଲେ ଗତ ୨୦୧୭ ରେ ଭୋଟ ବ୍ୟବଧାନ ୪ହଜାରରୁ ଚଳିତ ନିର୍ବାଚନରେ ଭୋଟ ବ୍ୟବଧାନ ଯଥେଷ୍ଟ କମିଥିଲେ ହେଁ ଭୋଟ ହାର ୪୮ ପ୍ରତିଶତ ଧରି ରଖିବାକୁ ବିଜେଡି ସକ୍ଷମ ହୋଇଛି। ସେହିଭଳି କୁପାରୀ ବିଜେଡି ଗଡ଼ରେ ଗଜେନ୍ଦ୍ର ପ୍ରସାଦ ଦାସ ପଦ୍ମ ଫୁଟାଇବାକୁ ସକ୍ଷମ ହୋଇଛନ୍ତି । ସେ ବିଜେଡିର ଯୁବନେତା ତଥା ୨ଥରର ବ୍ଲକ ଉପାଧ୍ୟକ୍ଷ ଜୟନ୍ତ ରାଉତଙ୍କୁ ୪୭୩ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଖଇରାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଭାଜପାର ପଦ୍ମଲୋଚନ ପଣ୍ଡା ଓ ଠାକୁର ରଞ୍ଜିତ ଦାସ ଓ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ଜଣେ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକଙ୍କ ମିଳିତ ଶକ୍ତି ଆଗରେ ବିଜେଡି କୁପାରୀରେ ତିଷ୍ଠି ପାରି ନ ଥିବା ବେଳେ ଖଇରାରେ କିନ୍ତୁ ଏହି ଗୋଷ୍ଠୀ ବିଜେଡିର ବିଜୟକୁ ଅଟକାଇ ପାରି ନାହାଁନ୍ତି । ୩ନଂ ଜୋନ୍‌ରେ ଗତ ପଞ୍ଚାୟତ ନିର୍ବାଚନ ଅପେକ୍ଷା ବିଜେଡି ପ୍ରାର୍ଥୀ ୪ପ୍ରତିଶତ(୪୬-୪୨) ଅଧିକ ଭୋଟ ପାଇ ମଧ୍ୟ ପରାସ୍ତ ହୋଇଛନ୍ତି। ଏହି ଜୋନ୍‌ରେ ଭାଜପା ଗତଥର ଅପେକ୍ଷା ୧୦ପ୍ରତିଶତ(୪୮-୩୮) ଅଧିକ ଭୋଟ ପାଇଛି। କୁପାରୀରେ ୬ଜଣ ଭାଜପା ସମର୍ଥିତ, ୨ଜଣ ବିଜେଡି ସମର୍ଥୀତ ଓ ୨ଜଣ ଅସନ୍ତୁଷ୍ଟ ବିଜେଡି ସମିତିସଭ୍ୟା/ସଭ୍ୟ ବିଜୟୀ ହେବା ଭାଜପା ପାଇଁ ଖୁସି ଆଣିଦେଇଛି। ହେଲେ ରବିବାରର ଗଣତିରେ ବିଜେଡି ସମର୍ଥୀତ ୭ଜଣ ସମିତି ସଭ୍ୟାସଭ୍ୟ ବିଜୟୀ ହୋଇଥିବା ବେଳେ ୨ଜଣ ଭାଜପା ସମର୍ଥୀତ ଓ ଜଣେ ଅସନ୍ତୁଷ୍ଟ ବିଜେଡି ପ୍ରାର୍ଥୀ ବିଜୟୀ ହେବା ବିଜେଡି ଶିବିରକୁ ଉତ୍ସାହିତ କରିଛି। ଖଇରା ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥିନୀ ନର୍ମଦା ଦେଓ ଓ ଭାଜପା ସମର୍ଥିତ ପ୍ରାର୍ଥୀ ପ୍ରଶାନ୍ତ କୁମାର ବେହେରା ଉଭୟ ସମାନ ସଂଖ୍ୟକ ୧୧୭୦ଖଣ୍ଡ ଭୋଟ ପାଇବା ପରେ ଧର୍ମଗୁଳାରେ ନର୍ମଦା ଦେଓ ବିଜୟୀ ହୋଇଥିଲେ। ସୋମବାର ୨ଟି ଜୋନ୍ ଓ ୧୭ଟି ପଞ୍ଚାୟତର ଫଳାଫଳ ପରେ କିଏ ବ୍ଲକ ଦଖଲ କରିବ ତାହା ସ୍ପଷ୍ଟ ହେବ।

# ଟାଟାଷ୍ଟିଲ୍ ପକ୍ଷରୁ ବନ୍ଧୁଆବେଡ଼ାରେ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଟାଟାଷ୍ଟିଲ୍ କର୍ମଚାରୀ ଓ ଅତିଥିମାନେ।

**ଯୋଡ଼ା,୨୭।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଟାଟାଷ୍ଟିଲ ଲୌହ ଓ ମାଙ୍ଗାନିଜ ଖଣି ପକ୍ଷରୁ ବନ୍ଧୁଆବେଡ଼ା ଗ୍ରାମରେ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟଅତିଥି ଭାବେ ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା, ମୁଖ୍ୟବକ୍ତା ତଥା ବାମେବାରୀ ଲୌହ ଓ ମାଙ୍ଗାନିଜ ଖଣିର ଅଧିକାରୀ ଅବନୀ କୁମାରଙ୍କ ସହିତ ଯୋଡ଼ା ବନରକ୍ଷୀ ନିଲମ ମହାନ୍ତ, ମାନତିନ ମାରାଣ୍ଡି ପ୍ରମୁଖଙ୍କ ସମେତ ଉକ୍ତ ଗ୍ରାମର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଏକ ସଚେତନତା ରଥ ପ୍ରସ୍ତୁତ କରାଯାଇ ବାମେବାରୀ ଲୌହ ଓ ମାଙ୍ଗାନିଜ ଖଣିନିକଟସ୍ଥ ଗ୍ରାମ ନମିରା, ବନ୍ଧୁଆବେଡ଼ା, ପଳଶା(କ), ଜଲହରି, ଖଣ୍ଡବନ୍ଧ ଓ ବନେଇକଳା ଗ୍ରାମରେ ପରିଭ୍ରମଣ କରାଯାଇ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଉପଦେଶ ଦିଆଯାଇଥିଲା। ଆୟୋଜିତ ସଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଟାଟାଷ୍ଟିଲର ଉଚ୍ଚ ଅଧିକାରୀ ସବ୍ୟସାଚୀ ମିଶ୍ର, ଅନୁଭବ ମିଶ୍ର, ବିରେନ୍ଦ୍ର ଜେନାଙ୍କ ସହିତ ଶ୍ରୀକାନ୍ତ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଭାଜପାରେ ମିଶିଲେ ୩ ପ୍ରାକ୍ତନ ପାରିଷଦ



ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା ନେତା।

**ସୋର,୨୭।୨(ଡି.ଏନ.ଏ):**

ପୌର ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ସୋର ମ୍ୟୁନିସିପାଲିଟିରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ବିଜେଡିର ୩ଜଣ ପ୍ରାକ୍ତନ ପାରିଷଦ ଭାଜପାରେ ଯୋଗଦେବା ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱରସ୍ଥିତ ଶୈବ ମନ୍ଦିର ପ୍ରାଙ୍ଗଣରେ ରବିବାର ଅପରାହ୍ନରେ ଭାଜପା ପକ୍ଷରୁ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରାକ୍ତନ ମନ୍ତ୍ରୀ ମନମୋହନ ସାମଲ, ଭଦ୍ରକ ସଂସଦୀୟ କ୍ଷେତ୍ର ଭାଜପା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଜିଲା ସଭାପତି ରମାକାନ୍ତ ମହାପାତ୍ର, ଯୁବ ନେତା ରାକେଶ ମଲ୍ଲିକ,ମ୍ୟୁନିସିପାଲିଟି ଭାଜପା ଚେୟାରମ୍ୟାନ୍ ସମ୍ଭାବ୍ୟ ପ୍ରାର୍ଥୀ ମାଧବ ଧଡ଼ା, ଈଶ୍ୱର ବେହେରା ଓ ରବୀନ୍ଦ୍ର ଜେନାଙ୍କ ଉପସ୍ଥିତିରେ ରଞ୍ଜନ ଦାସ, ସସ୍ମିତା ଦାସ, ଲୋକନାଥ ରାଉତ ଓ ଉର୍ମିଳା ରାଉତ ସେମାନଙ୍କ ଶତାଧିକ ସମର୍ଥକଙ୍କ ସହ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିଲେ।

## ଭଣ୍ଡାରିପୋଖରୀରେ ବିଜେଡି-କଂଗ୍ରେସ ଲଢ଼େଇ

**ଭଦ୍ରକ ଅଫିସ, ୨୭।୨**

ଭଦ୍ରକ ଜିଲାରେ ବିଜେଡି ସହ ମୁଖ୍ୟତଃ ଭାଜପା ପ୍ରତିଦ୍ୱନ୍ଦ୍ୱୀ ଥିବାବେଳେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ସ୍ଥିତି କିନ୍ତୁ ନିଆରା ଦେଖିବାକୁ ମିଳିଛି। ବ୍ଲକର ୪ ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ବଦ୍ରିନାରାୟଣ ରାଉତ ୧୪,୫୮୭ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ରମେଶ ଭାରତୀ ୧୧ ହଜାର ୬୫ ଭୋଟ ପାଇ ପରାଜିତ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ରାଉତ ଅଧିକ ୩୫୨୨ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ଏଠାରେ କଂଗ୍ରେସ ପକ୍ଷରୁ ଜିଲା ସଭାପତି ସୁବ୍ରତ ଦାସ ଓ ବିଜେଡି ପକ୍ଷରୁ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁଅ ଲୁଲୁ ସାମଲ ପ୍ରଚାର ମଙ୍ଗ ଧରିଥିଲେ।

# ଜାତୀୟ କର୍ମଶାଳାରେ ଭଦ୍ରକର ୨ କିଶୋର

**ଭଦ୍ରକ ଅଫିସ, ୨୭।୨**



ସ୍ୱୟଂପ୍ରଭା ପଣ୍ଡା



ସତ୍ୟଜିତ୍ ମହାଳିକ

ଜାତୀୟ ସ୍ତରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଣ୍ଟର ଫର୍ କାଟାଲାଇଜିଂ ଚେଞ୍ଜ ପକ୍ଷରୁ ଶନିବାର ଆୟୋଜିତ ଜାତୀୟ ସ୍ତରୀୟ ଅନ୍‌ଲାଇନ କର୍ମଶାଳା 'ମେରା ଆବାଜ ମେରି ମଞ୍ଚ'ରେ ଯୋଗଦେଇ ଭଦ୍ରକ ଜିଲାର ସ୍ୱୟଂପ୍ରଭା ପଣ୍ଡା ଓ ସତ୍ୟଜିତ ମହାଳିକ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। କିଶୋର କିଶୋରୀମାନଙ୍କ ଚିନ୍ତାଧାରା ଓ ମତାମତକୁ ସ୍ୱର ଦେବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୬ ରାଜ୍ୟର କିଶୋର କିଶୋରୀ ଏଥିରେ ଭାଗ ନେଇଥିଲେ। ସମସ୍ତେ ଝିଅମାନଙ୍କ ବିବାହ ବୟସ ୧୮ରୁ ୨୧ ବର୍ଷକୁ ବୃଦ୍ଧି ସମ୍ପର୍କରେ ନିଜର ମତାମତ ରଖିଥିଲେ। ସୂଚନା ମୁତାବକ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ରାଷ୍ଟ୍ରୀୟ କୈଶୋର ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ନିଜ ଅଞ୍ଚଳରେ କିଶୋର କିଶୋରୀମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ସହଯୋଗୀ ଶିକ୍ଷାଦାତା ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଭଦ୍ରକ ଜିଲାରେ ମଧ୍ୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ରାଷ୍ଟ୍ରୀୟ କୈଶୋର ଶିକ୍ଷା କାର୍ଯ୍ୟକ୍ରମ ଚାଲୁଛି। ସେଣ୍ଟର ଫର୍ କାଟାଲାଇଜିଂ ଚେଞ୍ଜ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସହଯୋଗ କରୁଛି। ନିଜର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭଦ୍ରକର ସ୍ୱୟଂପ୍ରଭା ଓ ସତ୍ୟଜିତ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ।

# ୧୯୭୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଖଇରା,୨୭।୨(ଡି.ଏନ.ଏ.)**



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ର।

ବାଲେଶ୍ୱର ଜିଲା ଅଧୀନ ଖଇରା ହାଇସ୍କୁଲର ୧୯୭୬ ମାଟ୍ରିକ୍ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କୋଚିଆକୋଇଲି ମଧୁବନ ପଡ଼ିଆରେ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଗୋବିନ୍ଦ୍ର ଚନ୍ଦ୍ର ପଣ୍ଡା,ପ୍ରଫୁଲ୍ଲ କୁମାର ମହାନ୍ତି,ରମେଶ ଚନ୍ଦ୍ର ପଣ୍ଡା,କିଶୋର କୁମାର ରାଉତ,କମଳ ଲୋଚନ ଜେନା,ଅନିଲ କୁମାର ଦାସ,ମାୟାଧର ସାହୁ,କରୁଣାକର ରାଉତ,ଉପେନ୍ଦ୍ର ମହାନ୍ତି,ଉମେଶ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପୁରାତନ ଛାତ୍ରମାନଙ୍କ ଦ୍ୱାରା ଏକ ଟ୍ରଷ୍ଟ ଗଠନ କରାଯାଇଛି। ଦୈବୀ ଦୁର୍ବିପାକ ସମୟରେ ବିପନ୍ନ ତଥା ଅସହାୟ ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

## ୬ ପଞ୍ଚାୟତର ଫଳାଫଳ ଘୋଷଣା

**ବାସୁଦେବପୁର, ୨୭।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୧୭ ନଂ. ଜୋନ ଅଧୀନ ୬ ପଞ୍ଚାୟତର ନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ନରସିଂହପୁର ପଞ୍ଚାୟତର ସରପଞ୍ଚ ଭାବେ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ସମିତିସଭ୍ୟ ଅନୀତା ଲେଙ୍କା, ବରଣ୍ଡିଆ ସରପଞ୍ଚ ଭାବେ ଗୋବିନ୍ଦ ମଲିକ, ସମିତିସଭ୍ୟ ନଗେନ୍ଦ୍ର ବିଶ୍ୱାଳ, ଆରୁହାର ସରପଞ୍ଚ ଭାବେ ରାଜେନ୍ଦ୍ର କୁମାର ସାହୁ, ସମିତିସଭ୍ୟ ସୁରେନ୍ଦ୍ର ପ୍ରସାଦ ବେଜ, ଖରିଦା ବିନାୟକପୁରର ସରପଞ୍ଚ ଭାବେ ମଧୁସ୍ମିତା ମଲିକ ଓ ସମିତିସଭ୍ୟ ଭାବେ ରଞ୍ଜିତା ମଲିକ ନିର୍ବାଚିତ ହୋଇଛନ୍ତି। ବ୍ରାହ୍ମଣଗାଁର ସରପଞ୍ଚ ଭାବେ ଶୁଭଶ୍ରୀ ତ୍ରିପାଠୀ, ସମିତିସଭ୍ୟ ପ୍ରମିଳା ମହାନ୍ତି, ଅରଣ୍ଡିଆ ସରପଞ୍ଚ ଭାବେ ନିରୁପମା ନାୟକ ଓ ସମିତିସଭ୍ୟ ଭାବେ ରମାକାନ୍ତ ଦାଶ ନିର୍ବାଚନ ଜିତିଛନ୍ତି। ସେହିପରି ବିଭିନ୍ନ ୱାର୍ଡର ନିର୍ବାଚିତ ୱାର୍ଡସଭ୍ୟଙ୍କ ନାମ ଘୋଷଣା ହୋଇଛି।

# ସାରସ୍ୱତ ବସନ୍ତ ମିଳନ ଉତ୍ସବ

**ଜଳେଶ୍ୱର,୨୭।୨(ଡି.ଏନ.ଏ)**

ବାଲେଶ୍ୱର ଜିଲା ଜଳେଶ୍ୱରର ଭଂଜଶୀ ବିହାର ପରିସରରେ ରବିବାର ୪୩ତମ ସାରସ୍ୱତ ବସନ୍ତ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ. ହୁସେନ୍ ରବି ଗାନ୍ଧି ଏହାକୁ ଉଦ୍‌ଘାଟନ କରି ଯେଉଁ ସାହିତ୍ୟରେ ସାଧାରଣ ମଣିଷର ସ୍ୱର ନାହିଁ ତାହା ସମାଜରେ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଡ. ଭାଗବତ ବେହେରା, ସମ୍ମାନୀତ ଅତିଥିଭାବେ ଡ. ରମାକାନ୍ତ ବେହେରା, ସାହିତ୍ୟ ଏକାଡେମୀର ସଦସ୍ୟ କାଳୀପଦ ପଣ୍ଡା, ଭରତ ଚନ୍ଦ୍ର ଦାସ, ଦାନ୍ତୁ ଗ୍ରାମୀନ ମେଳାର ପ୍ରତିଷ୍ଠାତା ଅଲୋକଚନ୍ଦ୍ର ନନ୍ଦୀ, ଡ. ଅଟଳ ବିହାରୀ ନାୟକ ପ୍ରମୁଖ ଯୋଗଦେଇ ବସନ୍ତର ରାଗିଣୀ ସମାଜ ଓ ମଣିଷ ହୃଦୟରେ ରେଖାପାତ କରେ ବୋଲି କହିଥିଲେ। ବିଶିଷ୍ଟ କବି ଅନୀତା ପ୍ରଧାନ ଆଚାର୍ଯ୍ୟଙ୍କ ଫେରିଯିବାର ବେଳ ପୁସ୍ତକକୁ ଡ. ଗାନ୍ଧି ଉନ୍ମୋଚନ କରିଥିଲେ । ଡ. ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ବ୍ରଜେନ୍ଦ୍ର ଗିରି ସଭା ପରିଚାଳନା କରିଥିଲେ। ସମ୍ପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଉତ୍ସବ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଯୋଗେଶ ଚନ୍ଦ୍ର ରାଉଳ ମଞ୍ଚ ଆହ୍ୱାନ କରିଥିବା ବେଳେ ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ବହୁ କବି କବିତାପାଠ କରିଥିଲେ। ଏହି ଅବସରରେ ହରିହର ପାଣିଗ୍ରାହୀ, ସୁବାସିନୀ ଜୀ, ମମତା ଦାସ, ଡ. ଉମେଶ ମହାନ୍ତି, ସ୍ନେହଲତା ନାୟକ, ଦୟାନିଧି ସାହୁ, ଜ୍ୟୋତିଶଚନ୍ଦ୍ର କର, ତିର୍ଥେଶ ରାୟମହାଶୟ, ସଂଗ୍ରାମ ମହାପାତ୍ର ଓ ଡ. ଅଜିତ୍ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସ୍ତ୍ରୀଙ୍କୁ ଗଳା କାଟି ହତ୍ୟା: ଅଭିଯୁକ୍ତ ଅଟକ

**ବଡବିଲ, ୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ସେରେଣ୍ଡାସ୍ଥିତ, ଜଗଦା ସାହିରେ ଜଣେ ମହିଳାଙ୍କ ଗଳା କାଟି ହତ୍ୟା ଘଟଣାରେ ସମ୍ପୃକ୍ତ ହତ୍ୟାକାରୀ ଅଭିଯୁକ୍ତ ସ୍ୱାମୀ ମଙ୍ଗଲ ମୁଣ୍ଡାଙ୍କୁ ପୋଲିସ ଅଟକ ରଖିଛି। ମୃତକ ହେଲେ ଭାମାଇ ମୁଣ୍ଡା। ଭାମାଇଙ୍କ ଝିଅ ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ରାତିରେ ସମସ୍ତେ ଘରେ ଶୋଇଥିଲେ। ସକାଳୁ ନିଦରୁ ଉଠିବା ପରେ ମା'ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖିଥିଲେ ବୋଲି କହିଛନ୍ତି। ତେବେ ବାପା ମଙ୍ଗଳଙ୍କ ମୁଣ୍ଡଦୋଷ ଥିବା ଯୋଗୁ ସେ ଏପରି କାଣ୍ଡ ଭିଆଇଥିବା ସାବିତ୍ରୀ ପୋଲିସକୁ କହିଛନ୍ତି। ରବିବାର ପୂର୍ବାହ୍ନରେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବୋଲେରୋକୁ ପିଟିଲା ଟ୍ରକ୍, ଜଣେ ମୃତ

**କେନ୍ଦୁଝର ,୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ନିକଟବର୍ତ୍ତୀ ଜୁଡିଆ ଘାଟି ୪୯ନଂ ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ ପ୍ଲାଷ୍ଟିକ ବୋଝେଇ ଟ୍ରକ ବୋଲେରୋକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଟ୍ରକ୍ ହେଲପରଙ୍କ ମୃତ୍ୟୁ ହୋଇଛି। ଟାଉନ ପୋଲିସ ପହଞ୍ଚି ଟ୍ରକରେ ଚାପି ହୋଇଥିବା ହେଲ୍ପରଙ୍କୁ ଉଦ୍ଧାର କରିବାସହ ଆହତ ଥିବା ଲୋକଙ୍କୁ ଏନଏଚ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ରାସ୍ତା କଡ଼ରେ ସୁରକ୍ଷା ବାଡ଼ ଥିବା ଯୋଗୁଁ ଅଳ୍ପକେ ବୋଲେରୋ ଯାତ୍ରୀ ବର୍ତ୍ତି ଯାଇଛନ୍ତି।

# ବିଜେଡିର ବିଜୟଧାରା ଜାରି

**ବାରିପଦା ଅଫିସ,୨୭।୨**

## ୨୬ ଜୋନ୍‌ରୁ ୨୫ରେ ଆଗୁଆ

ମୟୂରଭଞ୍ଜର ୫୬ ଜିଲା ପରିଷଦ ଆସନ ମଧ୍ୟରୁ ପ୍ରଥମ ଦିନ ଭୋଟ ଗଣତି ପରେ ୨୫ଟି ଆସନ ବିଜେଡି ହାତେଇଥିବା ବେଳେ ଗୋଟିଏ ଜେଏମ୍‌ଏମ୍ ଖାତାକୁ ଯାଇଛି। ରବିବାର ଦ୍ୱିତୀୟ ଦିନରେ ୨୬ ଜୋନ୍ ମଧ୍ୟରୁ ୨୫ଟିରେ ବିଜେଡି ଆଗୁଆ ରହିଥିବା ବେଳେ ଜେଏମ୍‌ଏମ୍‌ରୁ ଜଣେ ପ୍ରାର୍ଥୀ ଆଗରେ ରହିଥିବା ସୂଚନା ମିଳିଛି।

ରିପୋର୍ଟ ଲେଖା ହେବା ସୁଦ୍ଧା ୪ର୍ଥ ରାଉଣ୍ଡ ଗଣତିରେ ଆଗୁଆ ଥିବା ବିଜେଡି ପ୍ରାର୍ଥୀମାନେ ହେଲେ ଉଦଳାର ୨ନଂ. ଜୋନ୍‌ରେ ଲଳିତା ବିଶୋଇ, କପ୍ତିପଦାର ୪ନଂ. ଜୋନ୍‌ରେ ମକୁ ସିଂ, କରଞ୍ଜିଆ ୭ନଂ. ଜୋନ୍‌ରେ ଜ୍ୟୋତ୍ସ୍ନାରାଣୀ ନାଏକ, କୁଳିଅଣାର ୯ ନଂ. ଜୋନ୍‌ରେ ଆନନ୍ଦ ଚନ୍ଦ୍ର ଟୁଡୁ ଏବଂ କୁସୁମୀ ୧୧ନଂ. ଜୋନ୍‌ରେ ରାମଚନ୍ଦ୍ର ମୁର୍ମୁ। ସେହିପରି ଖୁଣ୍ଟା ୧୩ ନଂ. ଜୋନ୍‌ରେ ସୁନୀତା ମାରାଣ୍ଡି, ଜିବିନଗର ୧୫ନଂ. ଜୋନ୍‌ରେ ଉର୍ମିଳା ସେଠୀ, ଜାମଦା ୧୭ ନଂ. ଜୋନ୍‌ରେ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି, ଠାକୁରମୁଣ୍ଡା ୧୯ନଂ. ଜୋନ୍‌ରେ ପ୍ରହ୍ଲାଦ ମଢେଇ, ତିରିଂ ୨୧ନଂ. ଜୋନରେ ଜନତା ବସା, ବଡ଼ସାହି ୨୩ନଂ. ଜୋନ୍‌ରେ ସୁବାସିନୀ ନାଏକ, ବହଳଦା ୨୬ନଂ. ଜୋନରେ ସୂର୍ଯ୍ୟମଣି ହାଁସଦା ଓ ବାଙ୍ଗିରିପୋଷି ୨୮ନଂ. ଜୋନ୍‌ରେ ରାମଚନ୍ଦ୍ର ମୁର୍ମୁ।

ବାରିପଦା ୩୦ନଂ. ଜୋନ୍‌ରେ ନରେନ୍ଦ୍ର ହାଁସଦା, ବିଶୋଇର ୩୪ନଂ. ଜୋନ୍‌ରେ ଆରତି ମହାନ୍ତ, ବେତନଟୀ ୩୬ ନଂ ଜୋନରେ ସବିତା ଦାସ, ମୋରଡା ୩୯ନଂ ଜୋନରେ ଝରଣା ମୁର୍ମୁ, ଯଶିପୁର ୪୨ନଂ. ଜୋନରେ ଲଳିତା ମୁନ୍ଦୁୟା, ରରୁଆଁ ୪୪ନଂ. ଜୋନରେ ମୀନତି ତିରିଆ, ରାଇରଙ୍ଗପୁର ୪୬ନଂ. ଜୋନରେ ଲିପିକା ମଣ୍ଡଳ, ରାସଗୋବିନ୍ଦପୁର ୪୮ନଂ ଜୋନରେ ଶ୍ୟାମସୁନ୍ଦର ଡାକୁଆ, ଶାମାଖୁଣ୍ଟା ୫୦ନଂ. ଜୋନ୍‌ରେ ଭାରତୀ ହାଁସଦା, ଶୁକ୍ଳୀ ୫୨ନଂ. ଜୋନ୍‌ରେ ବିକାଶ ରଞ୍ଜନ ସି, ଶୁଳିଆପଦା ୫୪ନଂ. ଜୋନ୍‌ରେ ନଗେନ୍ଦ୍ର କିସ୍କୁ ଓ ସାରସକଣା ୫୬ନଂ. ଜୋନ୍‌ରେ ମୀତାରାଣୀ ନାଏକ ରହିଛନ୍ତି। ବିଜାତଳା ୩୨ନଂ. ଜୋନ୍‌ରେ ଜେଏମ୍‌ଏମ୍ ପ୍ରାର୍ଥୀ ମୀନା ସୋରେନ ଆଗୁଆ ରହିଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜେଡି ପ୍ରାର୍ଥୀ ନିମାଇଁ ଚରଣ ମୁର୍ମୁ ରହିଛନ୍ତି। ବାରିପଦା, ବିଶୋଇ ଓ ରାଇରଙ୍ଗପୁର ଜୋନ୍‌ରେ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ଜେଏମ୍‌ଏମ୍ ପ୍ରାର୍ଥୀ ରହିଥିବା ବେଳେ ଅନ୍ୟ ସମସ୍ତ ସ୍ଥାନରେ ଭାଜପା ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

# କେନ୍ଦୁଝର: ୧୨ ଜୋନରେ ବିଜେଡି ଆଗରେ

**କେନ୍ଦୁଝର, ୨୭।୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ୧୨ଟି ଜିଲା ପରିଷଦ ଜୋନରେ ରବିବାର ଭୋଟ ଗଣତି ଜାରି ରହିଥିବାବେଳେ ସମସ୍ତ ଆସନରେ ବିଜେଡି ଆଗରେ ରହିଛି।

ଆନନ୍ଦପୁର ବ୍ଲକର ୨ ନଂ ଜୋନରେ ବିଜେଡି ପ୍ରାର୍ଥୀ ଜିତେନ୍ଦ୍ର କୁମାର ସାମଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ପୁଷ୍ପାଞ୍ଜଳୀ ପୃଷ୍ଟିଙ୍କ ଠାରୁ ୧୯୦୯ ଭୋଟରେ ଆଗୁଆ ରହିଛନ୍ତି। ବାଂଶପାଳ ବ୍ଲକ ୨୫ନଂ ଜୋନ ବିଜେଡି ପ୍ରାର୍ଥୀ ଅରୁଣ କୁମାର ବାରିକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରଞ୍ଜିତ ବାରିକଙ୍କ ଠାରୁ ୬୪୫୯, ଚମ୍ପୁଆ ୧୪ ନଂ ଜୋନ ବିଜେଡି ପ୍ରାର୍ଥୀ ପ୍ରଦିପ କୁମାର ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ସଞ୍ଜନ କୁମାର ମହାନ୍ତଙ୍କ ଠାରୁ ୭୯୮, ଘଷିପୁରା ବ୍ଲକ ୧୧ ନଂ ଜୋନର ବିଜେଡି ପ୍ରାର୍ଥୀ ମନୋଜ ମଞ୍ଜରୀ ରାଉତ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ସୌଦାମିନି ଚିନ୍ଦ୍ରାଙ୍କ ଠାରୁ ୮୬୫୮, ହରିଚନ୍ଦନପୁର ବ୍ଲକ ୩୨ ନଂ ଜୋନର ବିଜେଡି ପ୍ରାର୍ଥୀ ଲକ୍ଷ୍ମୀଧର କିଷାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଜଗବନ୍ଧୁ ମୋଦିଙ୍କ ଠାରୁ ୧୦୧୫, ହାଟଡିହି ବ୍ଲକ ୩୫ ନଂ ଜୋନର ବିଜେଡି ପ୍ରାର୍ଥୀ ଶକୁନ୍ତଳା ଜେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ତୃପ୍ତିମୟୀ ଜେନାଙ୍କ ଠାରୁ ୨୪୯୦, ଝୁମ୍ପୁରା ବ୍ଲକ ୧୭ ନଂ ଜୋନ ବିଜେଡି ପ୍ରାର୍ଥୀ ସୋମବାରୀ ମୁର୍ମୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଅନୀତା ମାର୍ଡିଙ୍କ ଠାରୁ ୨୮୧୨, ଯୋଡ଼ା ବ୍ଲକ ୨୭ ନଂ ଜୋନର ବିଜେଡି ପ୍ରାର୍ଥୀ ସୁକୁମାରୀ ଦେହୁରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବନ୍ଦିତା ହାଁସଦାଙ୍କ ଠାରୁ ୧୨୮୪୫, କେନ୍ଦୁଝର ସଦର ୫ ନଂ ଜୋନର ବିଜେଡି ପ୍ରାର୍ଥୀ ରଥ ମୁଣ୍ଡା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବିଶ୍ୱନାଥ ମାଝିଙ୍କ ଠାରୁ ୪୮୮୨, ପାଟଣା ବ୍ଲକ ୨୨ ନଂ ଜୋନର ବିଜେଡି ପ୍ରାର୍ଥୀ ସୌଭାଗ୍ୟ ମଞ୍ଜରୀ ନାୟକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଦାଶମତୀ ଚାତାରଙ୍କ ଠାରୁ ୧୭୮୪, ସାହାରପଡା ୩୦ ନଂ ଜୋନର ବିଜେଡି ପ୍ରାର୍ଥୀ ଚମ୍ପାବତୀ ଟୁଡୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ମୋନାଲିଶା ନାୟକଙ୍କଠାରୁ ୧୩୧୯, ତେଲକୋଇ ବ୍ଲକ ୨୦ ନଂ ଜୋନର ବିଜେଡି ପ୍ରାର୍ଥୀ କେଦାର ଚନ୍ଦ୍ର ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ହରିହର ପ୍ରଧାନଙ୍କ ଠାରୁ ୧୪୮୩ ଖଣ୍ଡ ଭୋଟରେ ଆଗୁଆ ରହିଥିବା ସୂଚନା ମିଳିଛି।

